# ସୁଭଦ୍ରା

## ରାଜ୍ୟର ମହିଳାମାନଙ୍କ କଲ୍ୟାଣ ପାଇଁ
## ଏକ ଅଭିନବ ଯୋଜନା

# ନିର୍ଦ୍ଦେଶାବଳୀ

## ଅଗଷ୍ଟ, ୨୦୨୪

## ମହିଳା ଓ ଶିଶୁ ବିକାଶ ବିଭାଗ

# ସୂଚୀପତ୍ର


| କ୍ର.ନଂ | | ବିଷୟବସ୍ତୁ | ପୃଷ୍ଠା |
|---|---|---|---|
| ୧ | | ଉପକ୍ରମ | ୨ |
| ୨ | | ଲକ୍ଷ୍ୟ ଓ ଉଦ୍ଦେଶ୍ୟ | ୨ |
| | ୨.୧ | ଲକ୍ଷ୍ୟ | ୨ |
| | ୨.୨ | ଉଦ୍ଦେଶ୍ୟ | ୩ |
| ୩ | | ସୁଭଦ୍ରା ଅଧୀନରେ ଲାଭ | ୩ |
| ୪ | | ହିତାଧିକାରୀ ଏବଂ ଏହାର ପରିସର | ୪ |
| ୫ | | ଯୋଗ୍ୟ ହିତାଧିକାରୀ | ୩ |
| | ୫.୧ | ଯୋଗ୍ୟତା ମାନଦଣ୍ଡ | ୫ |
| | ୫.୨ | ଅଯୋଗ୍ୟ ମାନଦଣ୍ଡ | ୫ |
| ୬ | | ହିତାଧିକାରୀଙ୍କୁ ଚିହ୍ନଟ | ୭ |
| ୭ | | ସୁଭଦ୍ରା ଅଧୀନରେ ଲାଭ ପାଇବା ପାଇଁ ଆବଶ୍ୟକତା | ୮ |
| ୮ | | ଆବେଦନକାରୀ / ହିତାଧିକାରୀଙ୍କ ଦାୟିତ୍ୱ | ୯ |
| ୯ | | ତଦାରଖ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟା | ୧୦ |
| | ୯.୧ | ପରିଚାଳନା ଏବଂ ତଦାରଖ କମିଟି | ୧୦ |
| | ୯.୨ | ସୁଭଦ୍ରା ସମିତି | ୧୩ |
| | ୯.୩ | ନିୟମିତ ମୂଲ୍ୟାଙ୍କନ | ୧୪ |
| ୧୦ | | ଅଭିଯୋଗ ପ୍ରକ୍ରିୟା | ୧୪ |
| ୧୧ | | ସୁଭଦ୍ରା ଯୋଜନା ଅନ୍ତର୍ଗତ ସ୍ୱଚ୍ଛତା ଓ ପଦକ୍ଷେପ | ୧୪ |
| ୧୨ | | ନୋଡାଲ୍ ବିଭାଗ | ୧୭ |

## ୧. ଉପକ୍ରମ :

କ. ରାଜ୍ୟ ସରକାର କ୍ରମାଗତ ଭାବରେ ନିଜର ଦୃଢ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ମହିଳାଙ୍କ ସର୍ବାଙ୍ଗୀନ ଉନ୍ନତିକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରିଆସୁଅଛି । ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ଆଇନ, ନୀତି, ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି, ଯାହା ମହିଳାମାନଙ୍କୁ ବିକାଶ କାର୍ଯ୍ୟସୂଚୀରେ ପ୍ରାଥମିକତା ଦେଇଅଛି, ଏବଂ ମୁଖ୍ୟସ୍ରୋତ କୁ ଆଣିଅଛି ଏବଂ ସେମାନଙ୍କୁ ବିକାଶମୂଳକ ଆଲୋଚନାର କେନ୍ଦ୍ରବିନ୍ଦୁ କରିଅଛି । ତଥାପି, ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଅନେକ କ୍ଷେତ୍ର ଯଥେଷ୍ଟ ଧ୍ୟାନ ଆବଶ୍ୟକ କରେ ବୋଲି ବିଭିନ୍ନ ସୂଚକାଙ୍କରୁ ପ୍ରତିପାଦିତ ହୁଏ ।

ଖ. ଏହି ପରିପ୍ରେକ୍ଷୀରେ, ମହିଳାମାନଙ୍କୁ ଆର୍ଥିକ ସଶକ୍ତିକରଣ ତଥା ସେମାନଙ୍କୁ ଏବଂ ସେମାନଙ୍କ ପରିବାରକୁ ସୁରକ୍ଷା ଯୋଗାଇବା ପାଇଁ ରାଜ୍ୟ ସରକାର "**ସୁଭଦ୍ରା**" ନାମରେ ଏକ ପ୍ରମୁଖ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି । ଏହା ଏକ ବ୍ୟାପକ ପଦକ୍ଷେପ ଯାହା ମହିଳାମାନଙ୍କୁ ସେମାନଙ୍କ ଜୀବନର ଏକାଧିକ ଦିଗରୁ ଉନ୍ନତ କରିବାର ଲକ୍ଷ୍ୟ ରଖିଛି ଏବଂ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥାକୁ ମଜବୁତ କରିବା ସହିତ, ସଫଳତା ପାଇଁ ଉପକରଣ ଓ ସୁଯୋଗ ଆଦି ଯୋଗାଇବା ଦିଗରେ ସରକାରଙ୍କ ଦୃଢ ସଂକଳ୍ପକୁ ପ୍ରତିପାଦନ କରୁଅଛି ।

## ୨. ଲକ୍ଷ୍ୟ ଓ ଉଦ୍ଦେଶ୍ୟ :

### ୨.୧. ଲକ୍ଷ୍ୟ :

- ଆର୍ଥିକ ସହାୟତା ପ୍ରଦାନ କରି, ମହିଳାମାନଙ୍କର ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାଗତ ସ୍ଥିତିରେ ଉନ୍ନତି ଆଣିବା, ଆର୍ଥିକ ସ୍ୱାଧୀନତା ଏବଂ ଉଦ୍ୟମିତା ପ୍ରୋତ୍ସାହିତ କରିବା, ଡିଜିଟାଲ ଆର୍ଥିକ ସାକ୍ଷରତାକୁ ଉତ୍ସାହିତ କରିବା ଏବଂ ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧିରେ ସେମାନଙ୍କୁ ସଶକ୍ତ କରିବା ।

**୨.୨. ଉଦ୍ଦେଶ୍ୟ :**

 କ. ପରିବାରରେ ମହିଳାମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସେମାନେ ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ।

ଖ. ମହିଳାଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା, ସମାଜର ମୂଲ୍ୟବାନ ସଦସ୍ୟା ଭାବରେ ସେମାନଙ୍କର ଭୂମିକାକୁ ପ୍ରୋତ୍ସାହିତ କରିବା ।

ଗ. ମହିଳା ଏବଂ ସେମାନଙ୍କ ପରିବାର ପାଇଁ ସ୍ୱାସ୍ଥ୍ୟ, ପୁଷ୍ଟିକର ଏବଂ ଶିକ୍ଷାଗତ ସ୍ଥିତିକୁ ଉନ୍ନତ କରିବା ।

ଘ. ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ଦିଗରେ ଉତ୍ସାହିତ କରି ସେମାନଙ୍କର ଆର୍ଥିକ ସଶକ୍ତିକରଣର ସକ୍ଷମତା ପୂର୍ବକ ଆର୍ଥିକ ଅନ୍ତର୍ଭୂକ୍ତିକୁ ବୃଦ୍ଧି କରିବା ।

ଙ. ମହିଳାମାନଙ୍କୁ ଡିଜିଟାଲ୍ କାରବାର କରିବାକୁ ସୁଯୋଗ ପ୍ରଦାନ କରିବା ସହ ସଶକ୍ତ କରିବା ।

ଚ. ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କର ପ୍ରଭାବ ଏବଂ ସ୍ୱାଧୀନ ମତବ୍ୟକ୍ତ ଓ ସାମିଲରେ ବୃଦ୍ଧି ଘଟାଇ ସେମାନଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିବା ।

**୩. ସୁଭଦ୍ରା ଅଧୀନରେ ଲାଭ :**

କ) ପରିଚୟ ଏବଂ ସଶକ୍ତିକରଣର ଭାବନା ସୃଷ୍ଟି କରିବା ପାଇଁ, ସମସ୍ତ ହିତାଧିକାରୀଙ୍କୁ ଏକ ସୁଭଦ୍ରା କାର୍ଡ ପ୍ରଦାନ କରାଯିବ (ATM-cum-Debit Card)।

ଖ) ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୫୦,୦୦୦ ଟଙ୍କା ମିଳିବ (ବାର୍ଷିକ ୧୦,୦୦୦ ଟଙ୍କା ଟଙ୍କା ହାରରେ ୨୦୨୪-୨୫ ରୁ ୨୦୨୮-୨୯ ମଧ୍ୟରେ, ଯାହାକି ୫ ବର୍ଷର ଅବଧି ମଧ୍ୟରେ) ଯଦି ସେମାନେ ପ୍ରତିବର୍ଷ ନିମ୍ନଲିଖିତ ବିଷୟଗୁଡିକ ଅନୁଯାୟୀ ଯୋଗ୍ୟତା ସର୍ତ୍ତ ପୂରଣ କରନ୍ତି :

- ଯେଉଁ ମହିଳାମାନେ ୨୧ ବର୍ଷ ବୟସ ଅତିକ୍ରମ କରିବେ, ଯୋଜନା ଅବଧିର ଅବଶିଷ୍ଟ ବର୍ଷଗୁଡ଼ିକ ପାଇଁ ଯୋଗ୍ୟତା ତାରିଖଠାରୁ ସେମାନଙ୍କୁ ବାର୍ଷିକ ୧୦,୦୦୦ ଟଙ୍କା ମିଳିବ ।
- ଏହି ଯୋଜନାର ଅବଧି ସମୟରେ ଯେଉଁ ମହିଳାମାନଙ୍କର ବୟସ ୬୦ ବର୍ଷ ପୂରଣ ହେବ, ସେମାନଙ୍କୁ ବାର୍ଷିକ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ, କେବଳ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ।

ଗ) ବାର୍ଷିକ କିସ୍ତି ୧୦,୦୦୦ ଟଙ୍କାକୁ ୫,୦୦୦ ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ଜମା କରାଯିବ।

ଘ) ପ୍ରତିବର୍ଷ ପ୍ରଥମ କିସ୍ତି ରକ୍ଷା ବନ୍ଧନ ଦିବସ ଏବଂ ଦ୍ୱିତୀୟ କିସ୍ତି ଅନ୍ତର୍ଜାତୀୟ ମହିଳା ଦିବସ (୮ ମାର୍ଚ୍ଚ) ରେ ପ୍ରଦାନ  କରାଯିବ ।

ଙ) ଏହି ପରିମାଣ ହିତାଧିକାରୀଙ୍କ ନାମରେ ଆଧାର-ସକ୍ଷମ ଏବଂ DBT- ସକ୍ଷମ ଏକକ-ଧାରକ ବ୍ୟାଙ୍କ ଆକାଉଣ୍ଟରେ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ (APBS) ବ୍ୟବହାର କରି Direct Benefit Transfer (DBT)  ମାଧ୍ୟମରେ ଜମା କରାଯିବ ।

ଚ) ଡିଜିଟାଲ୍ କାରବାରକୁ ଉତ୍ସାହିତ କରିବା ପାଇଁ ସରକାର ଏକ ବ୍ୟାପକ ପୁରସ୍କାର ଏବଂ ସ୍ୱୀକୃତି କାର୍ଯ୍ୟକ୍ରମ ଆରମ୍ଭ କରିବେ । ଏହା ଅଧୀନରେ, ସମସ୍ତ ଗ୍ରାମ ପଞ୍ଚାୟତ / ପୌରାଞ୍ଚଳ ସଂସ୍ଥାରୁ ୧୦୦  ଜଣ ମହିଳା, ଯେଉଁମାନେ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ସର୍ବାଧିକ ସଂଖ୍ୟକ  ଡିଜିଟାଲ୍ କାରବାର କରିଥିବେ ସେମାନେ ୫୦୦ ଟଙ୍କାର ଅତିରିକ୍ତ ଲାଭ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜରିଆରେ ପାଇବେ । ଏଥିପାଇଁ ବିସ୍ତୃତ SOP ପ୍ରସ୍ତୁତ କରାଯାଇ ସୂଚିତ କରାଯିବ ।

**୪. ହିତାଧିକାରୀ ଏବଂ ଏହାର ପରିସର:**

କ. ଏହି ଯୋଜନା ରାଜ୍ୟର ସମସ୍ତ ୩୦ ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ।

ଖ. ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ମହିଳା ଏହି ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ହେବେ।

**୫. ଯୋଗ୍ୟ ହିତାଧିକାରୀ :**

**୫.୧. ଯୋଗ୍ୟତା ମାନଦଣ୍ଡ:**

ଏହି ଯୋଜନାର ଲାଭ ପାଇବା ପାଇଁ ସମସ୍ତ ମହିଳା ହିତାଧିକାରୀ ନିମ୍ନଲିଖିତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବା ଆବଶ୍ୟକ:

କ. ଆବେଦନକାରୀ ଓଡ଼ିଶାର ବାସିନ୍ଦା ହୋଇଥିବା ଆବଶ୍ୟକ ।

ଖ. ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ, ଆବେଦନକାରୀଙ୍କ ବୟସ ଯୋଗ୍ୟତା ତାରିଖ ଅନୁଯାୟୀ ୨୧ ବର୍ଷ କିମ୍ବା ଅଧିକ ଏବଂ ୬୦ ବର୍ଷରୁ କମ୍ ହେବା ଉଚିତ୍ ।

ଗ. ଆଧାର କାର୍ଡରେ ଲିପିବଦ୍ଧ ହୋଇଥିବା ଜନ୍ମ ତାରିଖକୁ ତାଙ୍କ ବୟସ ଗଣନା ପାଇଁ ଅନ୍ତିମ ତାରିଖ ଭାବେ ଗ୍ରହଣ କରାଯିବ।

ଘ. ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ, ତା. ୦୧.୦୭ .୨୦୨୪ ରିଖ ସୁଦ୍ଧା ମହିଳାଙ୍କ ବୟସ ୨୧ ବର୍ଷ କିମ୍ବା ତା'ଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହେବା ଆବଶ୍ୟକ । ତେଣୁ, ଆବେଦନକାରୀଙ୍କ ଜନ୍ମ ତାରିଖ ୦୨.୦୭.୧୯୬୪ ପୂର୍ବରୁ କିମ୍ବା ୦୧.୦୭.୨୦୦୩ ପରେ ହେବା ଉଚିତ୍ ନୁହେଁ । ପରବର୍ତ୍ତୀ ବର୍ଷଗୁଡ଼ିକ ପାଇଁ, ଯୋଗ୍ୟତା ତାରିଖ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ।

**୫.୨ . ଅଯୋଗ୍ୟ ମାନଦଣ୍ଡ:**

ଯେଉଁ ମହିଳାମାନେ ନିମ୍ନଲିଖିତ ମାନଦଣ୍ଡ ମଧ୍ୟରୁ କୌଣସିଟି ପୂରଣ କରନ୍ତି, ସେମାନେ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଅଯୋଗ୍ୟ ହେବେ:

କ. ୧ ଜୁଲାଇ, ୨୦୨୪ ସୁଦ୍ଧା ୨୧ ବର୍ଷରୁ କମ୍ ଏବଂ ୬୦ ବର୍ଷରୁ ଅଧିକ କୌଣସି ମହିଳା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଯୋଗ୍ୟ ହେବେ ନହିଁ ।

ଖ. ଯେକୌଣସି ମହିଳା ମାସକୁ ମୋଟ ୧୫୦୦ ଟଙ୍କା କିମ୍ବା ତାଠାରୁ ଅଧିକ କିମ୍ବା ବାର୍ଷିକ ମୋଟ ୧୮,୦୦୦ ଟଙ୍କା ବା ତାଠାରୁ ଅଧିକ କୌଣସି ରାଜ୍ୟ କିମ୍ବା କେନ୍ଦ୍ର ସରକାରୀ ଯୋଜନା ଯଥା- ପେନସନ, ଛାତ୍ରବୃତ୍ତି ଇତ୍ୟାଦି ସହାୟତା ଗ୍ରହଣ କରୁଛନ୍ତି ସେମାନେ ଯୋଗ୍ୟ ବିବେଚିତ ହେବେ ନାହିଁ ।

ଗ. ଜଣେ ମହିଳା ନିଜେ କିମ୍ବା ତାଙ୍କ ନିଜର ପରିବାର ସଦସ୍ୟ ଯଦି :

୧. ବର୍ତ୍ତମାନର କିମ୍ବା ପୂର୍ବତନ ସାଂସଦ କିମ୍ବା ବିଧାନସଭା ସଦସ୍ୟ ହୋଇଥିବେ ।

୨. ଆୟକର ଦେୟ ହିତାଧିକାରୀ ହୋଇଥିବେ ।

୩. ଯେ କୌଣସି ସହରାଞ୍ଚଳ ଶ୍ୱାୟତ୍ତ ଶାସନ ସଂସ୍ଥା (Urban Local body) କିମ୍ବା ପଞ୍ଚାୟତି ରାଜ ଅନୁଷ୍ଠାନରେ ନିର୍ବାଚିତ ଜନ ପ୍ରତିନିଧୀ ହୋଇଥିବେ (କେବଳ ୱାର୍ଡ ମେମ୍ବର, ସ୍ଥାନୀୟ ପରିଷଦ (Councillor) ସଦସ୍ୟ ବ୍ୟତୀତ)

୪. ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଯେକୌଣସି ଅଣ୍ଡରଟେକିଂ (undertaking) / ବୋର୍ଡ / ସ୍ଥାନୀୟ ସଂସ୍ଥା (local body) / ସଂଗଠନ / ନିୟମିତ / ସ୍ଥାୟୀ / ଚୁକ୍ତିଭିତ୍ତିକ କର୍ମଚାରୀ ଭାବରେ ନିଯୁକ୍ତ କିମ୍ବା ଅବସର ପରେ ପେନସନ ଗ୍ରହଣ କରୁଥିବେ । ଯଦି ଏହି ଯୋଜନାର ଅନ୍ୟ ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ, ତେବେ, ପାରିଶ୍ରମିକ ଗ୍ରହଣ କରୁଥିବା ସମସ୍ତ କର୍ମଚାରୀ ଏବଂ ଆଉଟସୋର୍ସିଂ ଏଜେନ୍ସି ମାଧ୍ୟମରେ ନିୟୋଜିତ ସମସ୍ତ କର୍ମଚାରୀ ଏହି ଯୋଜନା ଅଧୀନରେ ଯୋଗ୍ୟ ବିବେଚିତ ହେବେ ।

୫. ଯେ କୌଣସି ସରକାରୀ ବିଭାଗ / ଅଣ୍ଡରଟେକିଂ / ବୋର୍ଡ / ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କର ମନୋନୀତ ପ୍ରତିନିଧୀ ହୋଇଥିବେ ।

୬. ଅବେଦନକାରୀର ପରିବାରର ଜଳସେଚିତ ଜମିର ପରିମାଣ ୫ ଏକରରୁ ଅଧିକ ଓ ଅଣ ଜଳସେଚିତ ଜମିର ପରିମାଣ ୧୦ ଏକରରୁ ଅଧିକ ହୋଇଥିବ ।

୭. ଟ୍ରାକ୍ଟର, ମିନି-ଟ୍ରକ୍, ଛୋଟ ବାଣିଜ୍ୟିକ ଯାନ ଏବଂ ଅନ୍ୟ ସମାନ ହାଲୁକା ସାମଗ୍ରୀ ଯାନ ବ୍ୟତୀତ ୪ ଚକିଆ ମୋଟର ଯାନର ମାଲିକ ।

ଘ. ଏହି ଯୋଜନାର ଉଦ୍ଦେଶ୍ୟ ପାଇଁ, ପରିବାରର ସଂଜ୍ଞା କହିଲେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ / ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (NFSA / SFSS) ରେ ପରିଭାଷିତ ଥିବା ପରିବାର କୁ ବୁଝାଏ ।

ଙ. NFSA / SFSS କାର୍ଡ ରୁ ବଞ୍ଚିତ ଥିବା ପରିବାରର ଜଣେ ମହିଳା ସୁଭଦ୍ରା ଅଧୀନରେ ଆବେଦନ କରି ପାରିବେ, ସେମାନଙ୍କର ପରିବାରର ଆୟ ଟ.୨.୫୦ ଲକ୍ଷରୁ (କେବଳ ଦୁଇ ଲକ୍ଷ ଏବଂ ପଚାଶ ହଜାର ଟଙ୍କା) ଅଧିକ ଥିବ ।

## ୬. ହିତାଧିକାରୀଙ୍କୁ ଚିହ୍ନଟ:

କ) ସମସ୍ତ ଯୋଗ୍ୟ ମହିଳା ଆବେଦନକାରୀ ଏହି ଯୋଜନା ଅଧୀନରେ ଲାଭ ପାଇବା ପାଇଁ ଆବେଦନ କରିବା ଆବଶ୍ୟକ ।

ଖ) ଆବେଦନଗୁଡିକ ଏକ ମୁଦ୍ରିତ ଫର୍ମ ପୁରଣକରି ଅଫଲାଇନ୍ ତଥା ସୁଭଦ୍ରା ପୋର୍ଟାଲ୍ ମାଧ୍ୟମରେ ଅନଲାଇନ୍ କରାଯାଇପାରିବ ।

ଗ) ବିଭିନ୍ନ ସ୍ଥାନ ଓ କାର୍ଯ୍ୟାଳୟ ଯଥା- ଅଙ୍ଗନୱାଡି କେନ୍ଦ୍ର, ବ୍ଲକ୍, ମୋ ସେବା କେନ୍ଦ୍ର, ସାଧାରଣ ସେବା କେନ୍ଦ୍ର ଇତ୍ୟାଦିରେ ପର୍ଯ୍ୟାପ୍ତ ମୁଦ୍ରିତ ଆବେଦନ ଫର୍ମ ମାଗଣାରେ ଉପଲବ୍ଧ ହେବ ।

ଘ) ଆବେଦନକାରୀମାନେ ଫର୍ମ ପୂରଣ କରି ଏହାକୁ ନିକଟସ୍ଥ ମୋ ସେବା କେନ୍ଦ୍ର / ସାଧାରଣ ସେବା କେନ୍ଦ୍ରରେ ଦାଖଲ କରିବାକୁ ପଡିବ।

ଙ) ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଫର୍ମ ଏବଂ ଆଧାରରେ କୌଣସି ଅସଙ୍ଗତି ଥିଲେ, ଆଧାରରେ ଥିବା ସୂଚନାକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ।

ଚ) ସଂଗୃହୀତ ସମସ୍ତ ଆବେଦନକୁ ସରକାରଙ୍କ ପାଖରେ ସଦ୍ୟତମ ଉପଲବ୍ଧ ଡାଟାବେସ୍ ସହିତ ଯାଞ୍ଚ କରାଯିବ ଏବଂ ଆବଶ୍ୟକ ସ୍ଥଳେ କ୍ଷେତ୍ର ଅନୁସନ୍ଧାନ ମାଧ୍ୟମରେ ଯାଞ୍ଚ କରାଯିବ ।

ଛ) ସମସ୍ତ ଆବେଦନକାରୀ **"ସୁଭଦ୍ରା"** ଅଧୀନରେ ଯୋଗ୍ୟ ବିବେଚିତ ହେବା ପାଇଁ e-KYC ନିମିତ୍ତ ନିଜର ଘୋଷଣା ନାମା ଦେବେ । e-KYC ର ଚେହେରା-ପ୍ରାମାଣିକରଣ (face-authentication) ପଦ୍ଧତି ମାଧ୍ୟମରେ ହିତାଧିକାରୀମାନେ ସେମାନଙ୍କର ଆଧାର ନମ୍ବର ପ୍ରଦାନ କରି ସୁଭଦ୍ରା ପୋର୍ଟାଲ / ସୁଭଦ୍ରା ମୋବାଇଲ୍ ଆପ୍ ମାଧ୍ୟମରେ ଏହି ପ୍ରକ୍ରିୟା ସମ୍ପାଦନ କରିପାରିବେ ।

ଜ) ଜଣେ ହିତାଧିକାରୀ ସୁଭଦ୍ର ପୋର୍ଟାଲ ମାଧ୍ୟମରେ ଓଡ଼ିଶାରେ ଥିବା ତାଙ୍କ ସାଥୀ ଅନ୍ୟ ସମକ୍ଷକ ଭଉଣୀମାନଙ୍କ ସଶକ୍ତିକରଣ ଏବଂ କଲ୍ୟାଣକୁ ସମର୍ଥନ କରିବା ପାଇଁ ସ୍ୱ-ଇଚ୍ଛାରେ ସୁଭଦ୍ରାରୁ ବାହାରିବା ପାଇଁ ଚୟନ କରିପାରିବେ।

**୭. ସୁଭଦ୍ରା ଅଧୀନରେ ଲାଭ ପାଇବା ପାଇଁ ଆବଶ୍ୟକତା :**

କ) ଯେଉଁ ମହିଳାମାନେ ଯୋଗ୍ୟ ଅଟନ୍ତି ଏବଂ ସୁଭଦ୍ରା ଅଧୀନରେ ଲାଭ ପାଇବା ପାଇଁ ଆବେଦନ କରିଛନ୍ତି ସେମାନଙ୍କୁ ନିମ୍ନଲିଖିତ ସର୍ତ୍ତାବଳୀ ସୁନିଶ୍ଚିତ କରିବାକୁ ପଡିବ:

- ସେମାନଙ୍କ ନିଜ ନାମରେ ଆଧାର କାର୍ଡ / ଆଧାର ନମ୍ବର ରହିବା ଆବଶ୍ୟକ।
- ସେମାନେ ନିଶ୍ଚିତ ଭାବରେ ସେମାନଙ୍କର ମୋବାଇଲ୍ ନମ୍ବରକୁ ଆଧାର କାର୍ଡ ସହିତ ଲିଙ୍କ୍ କରିଥିବେ ।
- ସେମାନଙ୍କର ଏକକ-ଧାରକ ବ୍ୟାଙ୍କ ଆକାଉଣ୍ଟ ଥିବା ଆବଶ୍ୟକ ଯାହା ଆଧାର-ସକ୍ଷମ ଏବଂ ସିଧାସଳଖ ଲାଭ ସ୍ଥାନାନ୍ତରଣ (DBT)- ସକ୍ଷମ ଅଟେ ।

ଖ) ଯଦି ହିତାଧିକାରୀଙ୍କ ପାଖରେ ଆଧାର ନମ୍ବର ନାହିଁ କିମ୍ବା ତାଙ୍କ ଆଧାର କାର୍ଡରେ ତଥ୍ୟ ମେଳ ଖାଉନାହିଁ, ତେବେ ତାଙ୍କୁ ଆଧାର ଅଧୀନରେ ନିଜକୁ ପଞ୍ଜୀକରଣ କରିବାକୁ ପଡିବ କିମ୍ବା ଆବଶ୍ୟକ ଅନୁଯାୟୀ ତଥ୍ୟ ସଂଶୋଧନ କରିବାକୁ ପଡିବ।

ଗ) ଯଦି ହିତାଧିକାରୀଙ୍କର ଏକକ ଆଧାର-ସକ୍ଷମ ଏବଂ ଡିବିଟି-ସକ୍ଷମ ବ୍ୟାଙ୍କ ଆକାଉଣ୍ଟ ନାହିଁ, ତେବେ ତାଙ୍କୁ (କ) ଏକକ ଧାରକ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, (ଖ) ବ୍ୟାଙ୍କ ଆକାଉଣ୍ଟକୁ ଆଧାର-ସକ୍ଷମ କରିବା, (ଗ) ବ୍ୟାଙ୍କ ଆକାଉଣ୍ଟକୁ

ଡିବିଟି-ସକ୍ଷମ କରିବା ଏବଂ (ଘ) e-KYC ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରାଯିବ।

ଘ) ୨୦୨୪-୨୫ ଆର୍ଥିକ ବର୍ଷରେ, ଅନୁମୋଦନ ତାରିଖ ନିର୍ବିଶେଷରେ ସମସ୍ତ ହିତାଧିକାରୀ ଯୋଜନାର ଶୁଭାରମ୍ଭ ତାରିଖ ଠାରୁ ସୁଭଦ୍ରା ଅଧୀନରେ ୧୦,୦୦୦ ଟଙ୍କାର ସମ୍ପୂର୍ଣ୍ଣ ଲାଭ ପାଇବେ ।

## ୮. ଆବେଦନକାରୀ / ହିତାଧିକାରୀଙ୍କ ଦାୟିତ୍ୱ :

ସମସ୍ତ ଆବେଦନକାରୀ / ହିତାଧିକାରୀଙ୍କୁ ନିମ୍ନରେ ଦିଆଯାଇଥିବା ସୁଭଦ୍ରା ଅଧୀନରେ ଥିବା ଦାୟିତ୍ୱ ଗ୍ରହଣ କରିବାକୁ ପଡିବ ।

କ) ଲାଭଗୁଡିକର ଦକ୍ଷ ଏବଂ ସ୍ୱଛ ସ୍ଥାନାନ୍ତରଣ ନିଶ୍ଚିତ କରିବାକୁ, ହିତାଧିକାରୀମାନଙ୍କୁ ଏକକ ଧାରକ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଏହାକୁ ଆଧାର ପେମେଣ୍ଟ ବ୍ରିଜ ସିଷ୍ଟମ (ABPS) ଏବଂ ସିଧାସଳଖ ଲାଭ ସ୍ଥାନାନ୍ତର (DBT) ପାଇଁ ସକ୍ଷମ କରିବା ଓ ଆନୁଷ୍ଠାନିକ ଭାବେ ଇଲେକ୍ଟ୍ରୋନିକ୍ ଗ୍ରାହକ (e-KYC) ସୁନିଶ୍ଚିତ କରିବାକୁ ହେବ ।

ଖ) ହିତାଧିକାରୀମାନେ ଆବେଦନ ପ୍ରକ୍ରିୟା ସମୟରେ ସଠିକ୍ ଏବଂ ନିର୍ଭୁଲb ସୂଚନା ପ୍ରଦାନ କରିବା ଜରୁରୀ । ଯଦି ଯେକୌଣସି ସମୟରେ ହିତାଧିକାରୀ ଅଯୋଗ୍ୟ ପ୍ରମାଣିତ ହୁଅନ୍ତି, ତୁରନ୍ତ ଲାଭର ସମାପ୍ତ କରି ଦିଆଯାଇଥିବା ଲାଭ ପୁନରୁଦ୍ଧାର ଏବଂ ଠକେଇ ପାଇଁ ଆଇନଗତ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଗ) ଯଦି ଅନୁମୋଦିତ ହିତାଧିକାରୀ ଦୁର୍ଭାଗ୍ୟଜନକ ଘଟଣାରେ ମୃତ ଘୋଷିତ ହୁଅନ୍ତି, ତେବେ ଅନୁମୋଦିତ ସହାୟତା ବାତିଲ କରାଯାଇ ମୃତ ବ୍ୟକ୍ତିଙ୍କ ନାମରେ ଦିଆଯାଉଥିବା ଲାଭ ଦାବି କରାଯାଇପାରିବ ନାହିଁ ।

ଘ) ହିତାଧିକାରୀ / ଆବେଦନକାରୀମାନେ ସୁଭଦ୍ରା ପୋର୍ଟାଲରେ ଯୋଜନାରୁ ନିଜକୁ ବାଦ ଦେବାପାଇଁ ଚୟନ କରିପାରିବେ, ଯେତେବେଳେ ସେମାନେ ଅଯୋଗ୍ୟ

ହୁଅନ୍ତି, ଯେପରିକି ସରକାରୀ ଚାକିରିରେ ନିଯୁକ୍ତି ପାଇବା, ଘରର ଆର୍ଥିକ ସ୍ଥିତିର ଉନ୍ନତି ଇତ୍ୟାଦି ।

ଙ) ହିତାଧିକାରୀମାନଙ୍କୁ ପାରା ୭(ଚ) ରେ ବର୍ଣ୍ଣିତ ଅଧିକ ପ୍ରୋତ୍ସାହନ ରାଶି ପାଇବାକୁ ସକ୍ଷମ କରାଇବା ପାଇଁ ଅନଲାଇନ୍ ମାଧ୍ୟମରେ ଅଧିକ ସଂଖ୍ୟକ କାରବାର କରିବାକୁ ଉତ୍ସାହିତ କରାଯିବ ।

ଚ) ସୁଭଦ୍ରା ଅଧୀନରେ ଆବେଦନ କରି କିମ୍ବା ଚୟନ ନକରି, ହିତାଧିକାରୀ ଯୋଜନା କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ ଏବଂ ମୂଲ୍ୟାଙ୍କନ ଉଦ୍ଦେଶ୍ୟରେ ଆଧାର ସମେତ ସେମାନଙ୍କର ବ୍ୟକ୍ତିଗତ ତଥ୍ୟର ବ୍ୟବହାର ପାଇଁ ସମ୍ମତି ପ୍ରଦାନ କରିବାକୁ ପଡିବ ।

ଛ) ପ୍ରଶାସନିକ ତ୍ରୁଟି ହେତୁ କୌଣସି ଅଧିକ ଦେୟ ପ୍ରଦାନ କ୍ଷେତ୍ରରେ, ହିତାଧିକାରୀମାନେ ନିଜ ଇଚ୍ଛାରେ କିମ୍ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନଟ ହେବା ପରେ ଏବଂ ସେମାନଙ୍କୁ ଯୋଗାଯୋଗ କରାଯିବା ମାତ୍ରେ ଅତିରିକ୍ତ ଅର୍ଥ ରାଶି ଫେରସ୍ତ କରିବାକୁ ବାଧ୍ୟ ହେବେ ।

**୯. ତଦାରଖ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟା :**

ସୁବିଧାଗୁଡ଼ିକର ଦକ୍ଷ ବିତରଣ, ଯୋଜନାର ନିର୍ଦ୍ଦେଶାବଳୀର ଅନୁପାଳନ ଏବଂ ଯୋଜନାର ସାମଗ୍ରିକ ପ୍ରଭାବ, ପ୍ରଭାବଶୀଳତା ଏବଂ ପ୍ରସାରକୁ ମାପ କରିବା ପାଇଁ ଡିଜାଇନ୍ ହୋଇଥିବା ଏକ ଦୃଢ ତଦାରଖ ଏବଂ ମୂଲ୍ୟାଙ୍କନ ପ୍ରଣାଳୀ ମାଧ୍ୟମରେ ଏହି ଯୋଜନାର ତଦାରଖ କରାଯିବ।

**୯.୧. ପରିଚାଳନା ଏବଂ ତଦାରଖ କମିଟି :**

କ) ଏହି ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ ରାଜ୍ୟସ୍ତରରେ ଏକ ରାଜ୍ୟ ସ୍ତରୀୟ ପରିଚାଳନା ଏବଂ ତଦାରଖ କମିଟି (SLSMC) ଗଠନ କରାଯିବ।

ଖ)	ରାଜ୍ୟ ସ୍ତରରେ ରାଜ୍ୟ ସ୍ତରୀୟ ପରିଚାଳନା ଏବଂ ତଦାରଖ କମିଟି (SLSMC) ଏହି ଯୋଜନାର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ନୀତିଗତ ବିଷୟ ଏବଂ ବିଷୟଗୁଡ଼ିକର ସମୀକ୍ଷା, ତଦାରଖ ଏବଂ ପରାମର୍ଶ ପ୍ରଦାନ କରିବ, ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବ, ଯୋଜନାର କାର୍ଯ୍ୟାନ୍ୱୟନ ସମୟରେ i¹êଖୀନ ହେଉଥିବା ବାଧାଗୁଡ଼ିକ ଉପରେ ବିଚାର କରିବ ଏବଂ ଫଳାଫଳକୁ ଉନ୍ନତ କରିବା ପାଇଁ ଆବଶ୍ୟକ ସଂଶୋଧନ ପ୍ରସ୍ତାବ ଦେବ।

ଗ)	କମିଟିରେ  ନିମ୍ନଲିଖିତ ଅଧିକାରୀ ମାନେ ସଦସ୍ୟ ରହିବେ : -

| | |
|---|---|
| ମୁଖ୍ୟ ଶାସନ ସଚିବ | ଅଧ୍ୟକ୍ଷ |
| ଉନ୍ନୟନ କମିଶନର – ତଥା – ଅତିରିକ୍ତ ମୁଖ୍ୟ ଶାସନ ସଚିବ | ଉପାଧ୍ୟକ୍ଷ |
| ପ୍ରମୁଖ ସଚିବ / ସଚିବ, ଅର୍ଥ ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ପଞ୍ଚାୟତି  ରାଜ ଏବଂ ପାନୀୟଜଳ ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ଇଲେକ୍ଟ୍ରନିKè ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ଖାଦ୍ୟ ଯୋଗାଣ ଏବଂ ଖାଉଟି  କଲ୍ୟାଣ ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ, ମିଶନ ଶକ୍ତି ବିଭାଗ | ସଦସ୍ୟ |
| ପ୍ରମୁଖ ସଚିବ / ସଚିବ,  ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ | ସଦସ୍ୟ |
| ନିର୍ଦ୍ଦେଶକ, ସମନ୍ୱିତ ଶିଶୁ ବିକାଶ ସେବା ଓ ସମାଜ କଲ୍ୟାଣ | ସଦସ୍ୟ |
| ସଦସ୍ୟ ଆବାହକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (SLBC) | ସଦସ୍ୟ |
| ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ହୋଇଥିବା ସିଭିଲ୍ ସୋସାଇଟି ସଂଗଠନର ଜଣେ ପ୍ରତିନିଧୀ | ସଦସ୍ୟ |
| ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ଏକ ଶିକ୍ଷାନୁଷ୍ଠାନର ଜଣେ ପ୍ରତିନିଧି | ସଦସ୍ୟ |
| ରାଜ୍ୟ ନୋଡାଲ ଅଧିକାରୀ, ସୁଭଦ୍ରା ଯୋଜନା | ସଦସ୍ୟ ସଚିବ |
| ଏତଦpବ୍ୟତୀତ, ଆବଶ୍ୟକତା ଅନୁଯାୟୀ ଏହି କମିଟି ଯେକୌଣସି ବ୍ୟକ୍ତି କିମ୍ବା ସଂଗଠନକୁ | |

| |
|---|
| ଏହାର ବୈଠକକୁ ନିମନ୍ତ୍ରଣ କରିପାରିବ । |

ଘ) ଜିଲ୍ଲା ସ୍ତରରେ ଜିଲ୍ଲା ସ୍ତରୀୟ ତଦାରଖ କମିଟି (DLMC) ଗଠନ କରାଯିବ ଯାହା ଏହି ଯୋଜନାର ସାମଗ୍ରିକ ତଦାରଖ ଏବଂ କାର୍ଯ୍ୟକାରିତା ପାଇଁ ଦାୟୀ ରହିବ । ଉକ୍ତ କମିଟିରେ  ନିମ୍ନଲିଖିତ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ:

୧. ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ (ଅଧ୍ୟକ୍ଷ)
୨. ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ଏଡିଏମ୍)
୩. ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ (**CDO-cum-EO**)
୪. ଜିଲ୍ଲା ଖାଉଟି ଯୋଗାଣ ଅଧିକାରୀ
୫. ଜିଲ୍ଲା କୃଷି ଅଧିକାରୀ
୬. ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ
୭. ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ (ସଦସ୍ୟ ଆବାହକ)
୮. ମୁଖ୍ୟ ଜିଲ୍ଲା ପରିଚାଳକ ଏବଂ
୯. ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ହୋଇଥିବା ତିନିଜଣ ଅଣ-ସରକାରୀ ସିଭିଲ୍ ସୋସାଇଟି ସଂଗଠନର ସଦସ୍ୟ

ଙ) ବ୍ଲକ ସ୍ତରରେ ବ୍ଲକ ସ୍ତରୀୟ ଯାଞ୍ଚ କମିଟି (BLSC) ଗଠନ କରାଯିବ ଯାହା ଏହି ଯୋଜନାର ସାମଗ୍ରିକ ତଦାରଖ ଏବଂ କାର୍ଯ୍ୟକାରିତା ପାଇଁ ଦାୟୀ ରହିବେ । ଉକ୍ତ କମିଟିରେ  ନିମ୍ନଲିଖିତ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ:

୧. ବ୍ଲକ ଉନ୍ନୟନ ଅଧିକାରୀ (ଅଧ୍ୟକ୍ଷ)
୨. ତହସିଲଦାର
୩. ବ୍ଲକ ଯୋଗାଣ ଅଧିକାରୀ
୪. ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ
୫. ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସଦସ୍ୟ ଆବାହକ)
୬. ବ୍ଲକରେ ସେବା କ୍ଷେତ୍ରରୁ  ୨ ଜଣ ବ୍ୟାଙ୍କର୍ ଏବଂ

୭.  ଅଧକ୍ଷଙ୍କ ଦ୍ୱାରା ମନୋନୀତ ହୋଇଥିବା ଅନ୍ୟ କୌଣସି ଅଧିକାରୀ ।

ଚ) ସହରାଞ୍ଚଳ ନଗର / ନିଗମ ସ୍ତରରେ, ସହରାଞ୍ଚଳ ସ୍ତରୀୟ ଯାଞ୍ଚ କମିଟି (ULSC) ଗଠନ ହେବ ଯାହା ଏହି ଯୋଜନାର ସାମଗ୍ରିକ ତଦାରଖ ଏବଂ କାର୍ଯ୍ୟକାରିତା ପାଇଁ ଦାୟୀ ରହିବେ ।  କମିଟିରେ  ନିମ୍ନଲିଖିତ ସଦସ୍ୟ ମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ:

୧.  କାର୍ଯ୍ୟନିର୍ବାହୀ ଅଧିକାରୀ କିମ୍ବା କମିଶନର (ଅଧକ୍ଷ)

୨.  ତହସିଲଦାର

୩.  ମାର୍କେଟିଂ ଇନ୍ସପେକ୍ଟର

୪.  ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ

୫.  ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସଦସ୍ୟ ଆବାହକ)

୬.  ପୌରାଞ୍ଚଳ ସେବା କ୍ଷେତ୍ରରୁ  ୨ ଜଣ ବ୍ୟାଙ୍କର୍ ଏବଂ

୭.  ଅଧକ୍ଷଙ୍କ ଦ୍ୱାରା ମନୋନୀତ ହୋଇଥିବା ଅନ୍ୟ କୌଣସି ଅଧିକାରୀ

**୯.୨. ସୁଭଦ୍ରା ସମିତି :**

କ. ସାମାଜିକ ପଞ୍ଜୀକରଣ ଆଇନ- ୧୮୬୦ ଅନୁଯାୟୀ ଏକ ସମିତି ଓଡିଶା ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ବିଭାଗ ଅଧୀନରେ ଗଠନ ହେବ । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସମିତି  ମୁଖ୍ୟ ଶାସନ ସଚିବ / ଉନ୍ନୟନ କମିଶନର – ତଥା – ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ମାର୍ଗଦର୍ଶିକା ରେ କାର୍ଯ୍ୟ କରିବ।

ଖ. ଯୋଜନାର ସାମୁହିକ କାର୍ଯ୍ୟକାରିତା ଓ ନିରୀକ୍ଷଣ ମୂଲ୍ୟାୟନ ପାଇଁ ସୋସାଇଟିକୁ ଦାୟିତ୍ୱ ଦିଆଯିବ । ଯେଉଁଥିପାଇଁ ଏକ ରାଜ୍ୟ ସ୍ତରୀୟ ତଦାରଖ ୟୁନିଟ୍ (SPMU) ପ୍ରତିଷ୍ଠା ହେବ  ଏବଂ ସୁଭଦ୍ରାର ସଫଳ ରୂପାୟନ ପାଇଁ ଜିଲ୍ଲା ସ୍ତରରେ ମଧ ସହାୟତା ଯୋଗାଇଦେବ । ଏହି ଯୋଜନାର ନିରବ**ZÒ**ନ୍ନ ତଥା ସଫଳ ରୂପାୟନ ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସୋସାଇଟି କ୍ଷମତା ପ୍ରାପ୍ତ ହେବ, ନଚେତþ, ମାନବ ସମ୍ବଳର ନିଯୁକ୍ତି, ଆବଶ୍ୟକ ଲଜିଷ୍ଟିକ୍ (logistic) ସହାୟତା ପ୍ରଦାନ, IEC କାର୍ଯ୍ୟକଳାପ, ମୂଲ୍ୟାଙ୍କନ କରିବ।

ଗ. ଏହି ଯୋଜନା ଅନ୍ତର୍ଗତ ସମିତିର ଖର୍ଚ୍ଚ ପ୍ରଶାସନିକ ସମ୍ଭାବ୍ୟ ପାଣ୍ଠିରୁ (administrative contingency) ଭରଣା କରାଯିବ।

**୯.୩. ନିୟମିତ ମୂଲ୍ୟାଙ୍କନ :**

- ତୃତୀୟ-ପକ୍ଷ ସଂସ୍ଥା ମାଧ୍ୟମରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ଏହି ଯୋଜନାର ନିୟମିତ ମୂଲ୍ୟାଙ୍କନ କରିବ ଏବଂ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟ / ଅନୁସନ୍ଧାନ ପ୍ରତିଷ୍ଠାନ/ ପ୍ରତିଷ୍ଠିତ ସଂଗଠନ ଏହି ଯୋଜନାର କାର୍ଯ୍ୟକାରିତା ଉପରେ ଏକକାଳୀନ ମୂଲ୍ୟାଙ୍କନ କିମ୍ବା ଅଧ୍ୟୟନ ପାଇଁ ନିୟୋଜିତ କରାଯିବ ।

**୧୦. ଅଭିଯୋଗ ପ୍ରକ୍ରିୟା :**

ଲୋକଙ୍କ ଅଭିଯୋଗ ଗ୍ରହଣ କରିବା ଏବଂ ସେମାନଙ୍କୁ ନିୟମାନୁଯାୟୀ ସନ୍ତୋଷଜନକ ଭାବରେ ଧାର୍ଯ୍ୟ ସମୟାନୁସାରେ ଏବଂ ସହଜ ପ୍ରତିକ୍ରିୟା / ସମାଧାନ ଯୋଗାଇବା ବିଭାଗର ପ୍ରୟାସ ରହିବ ।

କ) ଜନ ଶୁଣାଣି ପୋର୍ଟାଲ ସହିତ ଏକୀଭୂତ ହୋଇଥିବା ସୁଭଦ୍ରା ପୋର୍ଟାଲରେ ଏକ ଅଭିଯୋଗ ସମାଧାନ ବ୍ୟବସ୍ଥା କରାଯିବ ।

ଖ) ଅଭିଯୋଗର ସମାଧାନ, ମତାମତ ସଂଗ୍ରହ ଏବଂ ସୂଚନା ବିସ୍ତାର ପାଇଁ ଏକ କେନ୍ଦ୍ରୀୟ କଲ୍ ସେଣ୍ଟର କାର୍ଯ୍ୟକ୍ଷମ କରାଯିବ ।

ଗ) ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ତଥା ବ୍ଲକ ସ୍ତରରେ "ସୁଭଦ୍ରା ଶିବିର" (କେବଳ ସୁଭଦ୍ରା ଯୋଜନା ପାଇଁ) ମଧ୍ୟ କରାଯିବ।

ଘ) ଲୋକଙ୍କୁ ଆଶ୍ୱସ୍ତି ଯୋଗାଇବା ପାଇଁ ସମସ୍ତ ଅଭିଯୋଗ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଗ୍ରହଣ କରାଯିବ ଏବଂ ଏହାର ଆଶୁ ସମାଧାନ ମଧ୍ୟ କରାଯିବ ।

**୧୧ . ସୁଭଦ୍ରା ଯୋଜନା ଅନ୍ତର୍ଗତ ସ୍ୱଚ୍ଛତା ଓ ପଦକ୍ଷେପ :**

ଓଡିଶାର ଲୋକଙ୍କ ମଧ୍ୟରେ ଆସ୍ଥା ଓ ବିଶ୍ୱାସ ବଢାଇବା ପାଇଁ ସୁଭଦ୍ରା ଯୋଜନାରେ ବ୍ୟାପକ ସ୍ୱଚ୍ଛତା ଓ ପଦକ୍ଷେପ ଏକୀଭୂତ ହୋଇଛି:

କ) ସୁଭଦ୍ରା ପୋର୍ଟାଲ ନୀତି ପରିବର୍ତ୍ତନ, ହିତାଧିକାରୀ ଆକାଉଣ୍ଟରେ ଜମା ହୋଇଥିବା କିସ୍ତିର ସ୍ଥିତି, ଆବେଦନଗୁଡ଼ିକର ସ୍ଥିତି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୂଚନା ଉପରେ ଅଦ୍ୟତନ ତଥ୍ୟ ପ୍ରଦାନ କରିବ ।

ଖ) ଏକ ବିସ୍ତୃତ ଏବଂ ସହଜ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ FAQ ବିଭାଗ "ସୁଭଦ୍ରା ପୋର୍ଟାଲ"ରେ ଅନ୍ତର୍ଭୂକ୍ତ ହେବ । ଏହି ବିଭାଗ ସାଧାରଣ ପ୍ରଶ୍ନଗୁଡିକର ସମାଧାନ କରିବ ଏବଂ ସରଳ ଉତ୍ତର ପ୍ରଦାନ କରିବ, ଯାହା ବ୍ୟବହାରକାରୀଙ୍କୁ ନୀତିର ବ୍ୟବସ୍ଥା ଏବଂ ପ୍ରୟୋଗ ପ୍ରକ୍ରିୟା ବୁଝିବା ପାଇଁ ସହଜ ହେବ ।

ଗ) ସୁଭଦ୍ରା ଯୋଜନା ସହିତ ଜଡିତ ସମସ୍ତ ଦସ୍ତାବିଜ ଓଡିଆ ଏବଂ ଇଂରାଜୀରେ ଉପଲବ୍ଧ ହେବ । ସୁଭାଦ୍ରା ପୋର୍ଟାଲ ମଧ୍ୟ ଉଭୟ ଭାଷାରେ ଉପଲବ୍ଧ ହେବ ।

ଘ) ହିତାଧିକାରୀମାନଙ୍କ ପ୍ରଶ୍ନର ସମାଧାନ ପାଇଁ ସରକାର ଏକ ହେଲ୍ପଲାଇନ (Helpline) ପ୍ରତିଷ୍ଠା କରିବେ ଯାହାକି ହିତାଧିକାରୀମାନେ i$^{1}$êଖୀନ ହେବାକୁ ଥିବା ବିଭିନ୍ନ ସମସ୍ୟାର ସମାଧାନ ପ୍ରଦାନ କରିବ । ୨୪ x ୭ ଅନୁସନ୍ଧାନରେ ଦକ୍ଷ, ସଠିକ୍ ଏବଂ ତ୍ୱରିତ ସମାଧାନ ନିଶ୍ଚିତ କରିବାକୁ ହେଲ୍ପଲାଇନରେ AI (କୃତିମ ବୁଦ୍ଧିମତ୍ତା) ଜ୍ଞାନକୌଶଳ ମଧ୍ୟ ଅନ୍ତର୍ଭୂକ୍ତ ହେବ ଯାହାଦ୍ୱାରା ହିତାଧିକାରୀଙ୍କ ଦ୍ୱାରା ଉଠାଯାଇଥିବା କୌଣସି ପ୍ରଶ୍ନ ଅନାବଶ୍ୟକ ହେବ ନାହିଁ ।

ଙ) ଅଭିଯୋଗର ସମାଧାନ, ମତାମତ ସଂଗ୍ରହ ଏବଂ ସୂଚନା ପ୍ରସାର ପାଇଁ ଏକ କେନ୍ଦ୍ରୀୟ କଲ ସେଣ୍ଟର (Call Centre) କାର୍ଯ୍ୟକ୍ଷମ କରାଯିବ ।

ଚ) ଜନ ଶୁଣାଣି ପୋର୍ଟାଲ ସହିତ ସଂଯୁକ୍ତ ଏକ ଦୃଢ ଜନସାଧାରଣ ଅଭିଯୋଗ ସମାଧାନ ବ୍ୟବସ୍ଥା ହିତାଧିକାରୀଙ୍କ ଦ୍ୱାରା ଉଠାଯାଇଥିବା କୌଣସି ସମସ୍ୟା କିମ୍ବା ସମସ୍ୟାର ସମାଧାନ କରିବାରେ ସହାୟକ ହେବ । ନିୟମିତ ସୁଭଦ୍ରା ଶିବିର (ଅଭିଯୋଗ ଶିବିର) ଆୟୋଜନ କରାଯିବ।

ଛ) ନିୟମିତ ମୂଲ୍ୟାଙ୍କନ ଏବଂ ମତାମତ ସଂଗ୍ରହ ନୀତି ନିଶ୍ଚିତ ଏବଂ ଦକ୍ଷତାର ସହିତ କାର୍ଯ୍ୟକାରୀ ହେବ କି ନାହିଁ ତାହା ନିଶ୍ଚିତ କରାଯିବ ।

ଜ)	ନିୟମିତ ସମ୍ପ୍ରଦାୟର ପ୍ରସାରଣ ଏବଂ ସୂଚନା ଶିକ୍ଷା ଏବଂ ଯୋଗାଯୋଗ (IEC) କାର୍ଯ୍ୟକ୍ରମଗୁଡିକ ନୀତି ବିଷୟରେ ଜନସାଧାରଣଙ୍କୁ ଶିକ୍ଷିତ ତଥା ଅବଗତ କରାଇବା ପାଇଁ ସୁ-ବ୍ୟବସ୍ଥା କରାଯିବ । ଏହି ଯୋଜନା ବିଷୟରେ ହିତାଧିକାରୀମାନଙ୍କୁ ଶିକ୍ଷା ଏବଂ ଉତ୍ସାହିତ କରିବା ଏବଂ ସେମାନଙ୍କ କାହାଣୀର ସଫଳ ପ୍ରସାର ପାଇଁ ସାମାଜିକ ଗଣମାଧ୍ୟମ (Social Media) ଅଭିଯାନ କରାଯିବ ।

ଜ)	ହିତାଧିକାରୀଙ୍କ ଠାରୁ ଆସିଥିବା ତଥ୍ୟ ସଂଗ୍ରହ କରିବା ପାଇଁ ଏକ ସଂଗଠିତ ମତାମତ ପ୍ରଣାଳୀ ପ୍ରତିଷ୍ଠା କରାଯିବ ।

ଝ)	ଆବେଦନକାରୀଙ୍କୁ ବିଭ୍ରାନ୍ତ କରିବା / କୌଣସି ସଂସ୍ଥା କିମ୍ବା ବ୍ୟକ୍ତି ବିଶେଷଙ୍କ ଦ୍ୱାରା କୌଣସି ଠକେଇ ଅଭ୍ୟାସ ନିୟୋଜିତ କରିବାର କୌଣସି ପ୍ରୟାସକୁ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ନିୟମାନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏହି ସ୍ୱଚ୍ଛତା ପଦକ୍ଷେପଗୁଡ଼ିକ ମାଧ୍ୟମରେ ବିଶ୍ୱାସ ଗଠନ, ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା, ନିରନ୍ତର ମତାମତ ନେବା ଏବଂ ନୀତି ବିଷୟରେ ଓଡ଼ିଶାର ଲୋକଙ୍କର ସ୍ୱଷ୍ଟ, ଉପଲବ୍ଧ ଏବଂ ନିର୍ଭରଯୋଗ୍ୟ ସୂଚନା ସୁନିଶ୍ଚିତ କରିବା ପାଇଁ ପରିକଳ୍ପନା କରାଯାଇଛି । ଏହା ମଧ୍ୟ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଅସାଧୁ ଉପାଦାନଗୁଡ଼ିକର ପ୍ରବେଶକୁ ଏକ ସୁରକ୍ଷାକର୍ମୀ ଭାବରେ କାର୍ଯ୍ୟ କରିବ ।

## ୧୨ . ପରାମର୍ଶ, ମାର୍ଗଦର୍ଶନ ଓ ତଦାରଖ ବିଭାଗ / ଯୋଗାଯୋଗ ବିଭାଗ (ନୋଡାଲ୍ ବିଭାଗ):

(କ)	ମହିଳା ଓ ଶିଶୁ ବିକାଶ ବିଭାଗ ଏହି ଯୋଜନା ପାଇଁ ନୋଡାଲ ବିଭାଗ ହେବ ।

(ଖ)	ଏହି ଯୋଜନାର ସଫଳ ରୂପାୟନକୁ ସକ୍ଷମ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ନିୟମିତ ବ୍ୟବଧାନରେ ଆଦେଶ ଓ ନିର୍ଦ୍ଦେଶାବଳୀ ଜାରି କରିବ।

ଗ) ଯଦି ଏହି ଯୋଜନାର ବ୍ୟାଖ୍ୟା କିମ୍ବା କାର୍ଯ୍ୟକାରିତା ସମ୍ବନ୍ଧରେ କୌଣସି ବିବାଦ ଥାଏ, ମହିଳା ଓ ଶିଶୁ ବିକାଶ ବିଭାଗର ନିଷ୍ପତ୍ତି ଚୂଡାନ୍ତ ଏବଂ ବାଧ୍ୟତାମୂଳକ ହେବ ।

*****